ସାହାରା ଇଣ୍ଡିଆ କମର୍ସିଆଲ କର୍ପୋରେସନ ଲିମିଟେଡ

ବନାମ

ବି. ଜୀଜୀଭୟ ୱାଖାରିଆ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 725/2009)

5 ଫେବୃଆରୀ, 2009

[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950 - ଅନୁଚ୍ଛେଦ 136 - ନିର୍ଦ୍ଦେଶନାମା ଜାରିହେଲା - ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ମକଦ୍ଦମା ଏବଂ ତାମ୍ବର ତଲବ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଦାୟର ହୋଇଥିବା ଆବେଦନର ଶୀଘ୍ର ସମାଧାନ ପାଇଁ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 725/2009 ।

ମକଦ୍ଦମା ସଂଖ୍ୟା 3376/2005 ରେ ପ୍ରସ୍ତାବ ନୋଟିସ ସଂଖ୍ୟା 3950/2005 ରେ ଅପିଲ ସଂଖ୍ୟା 496/2007 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 11.6.2008 ଏବଂ 12.6.2008 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଏହା ସହିତ

2009 ର ସି. ଏ. ସଂଖ୍ୟା 726 ଏବଂ 727

ଉପସ୍ଥିତ ପକ୍ଷ ମାନଙ୍କ ପାଇଁ ଏଫ୍.ଏସ୍. ନରିମାନ୍, ଅରୁଣ ଜେଟଲୀ, ଭି.ଏ. ବୋବଡ଼େ, ରବିଶଙ୍କର ପ୍ରସାଦ, ଏଚ୍.ଏନ୍. ସାଲଭେ, ୟୁ.ୟୁ. ଲଳିତ, ମୁକୁଲ୍ ରୋହତଗୀ, ରାଜୀବ ଧାୱନ ଏବଂ ଅଲତାଫ୍ ଅହମ୍ମଦ, କେ.କେ. ଲାହିରୀ, ଏମ୍. ଗାନ୍ଧୀ, ଗୌରବ ଯୋଶୀ, ସତ୍ୟମ୍ ଭୋରା, ଏସ୍.ବି. ମାହେଶ୍ୱରୀ, ପି.ଏସ୍. ସୁଧୀର, ଶାଲୀ ଭାସିନ୍ ମାହେଶ୍ୱରୀ, କେଶବ ମୋହନ, ଅଖିଳ ଆନନ୍ଦ, ଋଷି ମାହେଶ୍ୱରୀ, ଆନେ ମାଥ୍ୟୁ, ମେଘା ମୁଖାର୍ଜୀ, ସୁମନ ଜ୍ୟୋତି ଖୈତାନ୍, ଧୀମାନ ଥାକର୍, ମହମ୍ମଦ ଅକ୍ରମ୍, ରୁବି ସିଂ ଆହୁଜା, ଅବୀର କୁମାର, ସିମ୍ରାନ୍ ବ୍ରାର୍, ପ୍ରଜ୍ଞା ଓହରି, ମାଣିକ କରଞ୍ଜାୱାଲା, ସିଦ୍ଧାର୍ଥ ଚୌଧୁରୀ, ମୀନାକ୍ଷୀ ଗ୍ରୋଭର, ଭାର୍ଗବ ଭି. ଦେଶାଇ, ରାହୁଲ ଗୁପ୍ତା, ରୀମା ଶର୍ମା ଏବଂ କିଶୋର ଜୈନ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍** ପଶାୟତଙ୍କ ଦ୍ୱାରା । 1. ଅନୁମତି ପ୍ରଦାନ କରାଗଲା ।

2. ଯଦିଓ ଆବେଦନଗୁଡ଼ିକର ସମର୍ଥନରେ ଅନେକ ପ୍ରସଙ୍ଗକୁ ଉତ୍ଥାପନ କରାଯାଇଥିଲା, ଆମେ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ସହିତ ଆବେଦନଗୁଡ଼ିକର ସମାଧାନ କରୁଛୁ:

(i) ବମ୍ବେ ଉଚ୍ଚ ନ୍ୟାୟାଳୟର ନଥିରେ ଥିବା ମକଦ୍ଦମା ସଂଖ୍ୟା 3376/2005 କୁ ଆଜିଠାରୁ ତିନି ମାସ ମଧ୍ୟରେ ଯଥାସମ୍ଭବ ଶୀଘ୍ର ସମାଧାନ କରାଯାଉ । ଆମେ ବମ୍ବେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶଙ୍କୁ ଅନୁରୋଧ କରୁଛୁ ଯେ ଏହି ପ୍ରସଙ୍ଗରେ ଆବଶ୍ୟକ ଆଦେଶ ପାରିତ କରନ୍ତୁ ଏବଂ ଏହି ମାମଲାକୁ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ରଖିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ । ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠର 11.12.2008 ତାରିଖରେ ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ 4.6.2007 ତାରିଖରେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ରାୟର ପର୍ଯ୍ୟବେକ୍ଷଣ ଏବଂ ସିଦ୍ଧାନ୍ତ ଦ୍ୱାରା ପ୍ରଭାବିତ ନ ହୋଇ ମାମଲାଟିର ନିଷ୍ପତ୍ତି ନିଆଯିବ ।

(ii) ମକଦ୍ଦମାର ଫଇସଲାକୁ ତ୍ୱରାନ୍ୱିତ କରିବା ପାଇଁ ମୌଖିକ ପ୍ରମାଣକୁ ଦେୱାନୀ ପ୍ରକ୍ରିୟା ସଂହିତା, 1908 (ସଂକ୍ଷେପରେ 'ସଂହିତା')ରେ ବ୍ୟବସ୍ଥା ଅନୁଯାୟୀ ସତ୍ୟପାଠ ଏବଂ/ଅଥବା କମିଶନରେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ । ଦସ୍ତାବିଜ ଦାଖଲ, ଗ୍ରହଣ ଏବଂ ପ୍ରତ୍ୟାଖ୍ୟାନ ଏବଂ ପ୍ରସଙ୍ଗ ପ୍ରସ୍ତୁତ କରିବା ଆଜିଠାରୁ ଏକ ମାସ ମଧ୍ୟରେ ଶେଷ ହେବ ।

(iii) ଏହା ପ୍ରତୀୟମାନ ହେଉଛି ଯେ ବାଦୀ 2007 ର ଚାମ୍ବର ତଲବ ସଂଖ୍ୟା 587 ଉପରେ 24.6.2008 ତାରିଖର ଆଦେଶ ବିରୁଦ୍ଧରେ ଏକ ଅପିଲ (L) ସଂଖ୍ୟା 409/2009 ଦାୟର କରିଥିଲେ । ଆଜିଠାରୁ ଏକ ମାସ ମଧ୍ୟରେ ଯେତେ ଶୀଘ୍ର ସମ୍ଭବ ଏହାର ସମାଧାନ କରାଯିବ ।

3. ଏହା ଉପସ୍ଥାପିତ ହୋଇଛି ଯେ 24.6.2008 ରେ ଚାମ୍ବର ତଲବ ଉପରେ ପାରିତ ଆଦେଶ ଅନୁଯାୟୀ, ଜଣେ ମାନ୍ୟବର ନ୍ୟାୟମୂର୍ତ୍ତି ମତ ଦେଇଛନ୍ତି ଯେ ପ୍ରତିବାଦୀ ସଂଖ୍ୟା 4 ଙ୍କ

ବିରୋଧରେ ମକଦ୍ଦମା ଗ୍ରହଣଯୋଗ୍ୟ ନୁହେଁ । ଯେହେତୁ ଆମେ ଏହି ଆଦେଶ ବିରୁଦ୍ଧରେ ଆବେଦନକୁ ଏକ ମାସ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଛୁ, ତେଣୁ ତାଙ୍କ ସପକ୍ଷରେ ଆବେଦନ ଫଇସଲା ହେବା ପରେ ପ୍ରତିଶ୍ରୁତି ପତ୍ରର ପରିବର୍ତ୍ତନ ଏବଂ ନିର୍ବାହ ପାଇଁ ପ୍ରତିବାଦୀ ସଂଖ୍ୟା 4 କୁ ସ୍ୱାଧୀନତା ଦିଆଯାଇଛି । ଅପିଲ ଅଦାଲତ ଏଠାରେ ପ୍ରତିବାଦୀ ସଂଖ୍ୟା 4 ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଦ୍ୱାରା ପ୍ରଭାବିତ ନହୋଇ ଉକ୍ତ ଆବେଦନକୁ ଫଇସଲା କରିବେ । ଏହା ସ୍ପଷ୍ଟ କରାଯାଇଛି ଯେ ମାମଲାର ଗୁଣବତ୍ତା ଉପରେ ଆମେ କୌଣସି ମତ ପ୍ରକାଶ କରିନାହୁଁ ।

4. ତଦନୁସାରେ ଆବେଦନଗୁଡ଼ିକର ଫଇସଲା କରାଯାଇଛି ।

କେ.କେ.ଟି. ଆବେଦନଗୁଡ଼ିକ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।